# ୯ ଫୁଟ୍ ଅହିରାଜ ଉଦ୍ଧାର

ଢେଙ୍କାନାଳ,୧।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଷଡଙ୍ଗୀ ରେଞ୍ଜ୍ ଖଙ୍କିରା ଗ୍ରାମ ପାତ୍ରସାହିର ମାନସ ରଞ୍ଜନ ମହାପାତ୍ରଙ୍କ ଗାଧୁଆଘରୁ ରବିବାର ସନ୍ଧ୍ୟା ୭ଟା ସମୟରେ ଏକ ୯ ଫୁଟ୍ ଲମ୍ବର ଅହିରାଜ ସାପକୁ ଉଦ୍ଧାର କରାଯାଇଛି।



ସ୍ନେକ ହେଲପଲାଇନ ତଥା ସାପ ଉଦ୍ଧାରକାରୀ ଦଳର ସତ୍ୟସୁନ୍ଦର ସ୍ୱାଇଁ ଓ ଦେବ ପ୍ରସାଦ ଦାସଙ୍କ ଉଦ୍ୟମରେ ଏହାକୁ ଉଦ୍ଧାର କରାଯାଇଛି । ଖଙ୍କିରା ଗ୍ରାମସ୍ଥିତ ବନରକ୍ଷୀ ବଳଭଦ୍ର ମହାନ୍ତି, ହାତୀସ୍କାର୍ଡ ସଦସ୍ୟ ମାନସ ରଞ୍ଜନ ଓ ହରେକୃଷ୍ଣ ମଲ୍ଲିକଙ୍କ ଉପସ୍ଥିତିରେ ଅହିରାଜ ସାପଟିକୁ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯାଇଛି ।

# ନାଗନାଥ ପୀଠର ଉନ୍ନତି ପାଇଁ ଅର୍ଥ ବ୍ୟବସ୍ଥା ହେବ




ବ୍ରାହ୍ମଣୀ ବନ୍ଦାଣ ଓ ନାଗନାଥେଶ୍ୱର ମହୋତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

## ବ୍ରାହ୍ମଣୀ ବନ୍ଦାଣ ଓ ନାଗନାଥେଶ୍ୱର ମହୋତ୍ସବ ଉଦ୍‌ଘାଟିତ

ଢେଙ୍କାନାଳ,୧।୧୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ବଡ଼ନାଗନା ସ୍ଥିତ ଶ୍ରୀଶ୍ରୀ ନାଗନାଥେଶ୍ୱରଙ୍କ ପୀଠରେ ତୃତୀୟ ବ୍ରାହ୍ମଣୀ ବନ୍ଦାଣ ଓ ନାଗନାଥେଶ୍ୱର ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦଘାଟନ କରି ବଡ଼ନାଗନା ଗ୍ରାମର ପ୍ରସିଦ୍ଧ ନାଗନାଥେଶ୍ୱରଙ୍କ ପୀଠର ଉତ୍ତରବାହୀ ବ୍ରାହ୍ମଣୀ ନଦୀକୁ ବନ୍ଦାପନା କରାଯିବା ଓ ମହୋତ୍ସବ ଆୟୋଜନ କରିବା ଖୁସିର କଥା ବୋଲି କହିଥିଲେ । ଏହି ପୀଠର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ଅର୍ଥ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇ ନାଗନାଥେଶ୍ୱର ପୀଠର ଉନ୍ନତି ପାଇଁ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ପ୍ରଥମ ଅନୁଦାନ ଏହି ପୀଠ ପାଇଁ ମଞ୍ଜୁର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମହୋତ୍ସବ କମିଟିର ସଭାପତି ସୁଦାମ ଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଡା. ଶାନ୍ତିଭୂଷଣ ପଣ୍ଡା ମୁଖ୍ୟବକ୍ତା ଭାବରେ ଯୋଗଦେଇ ନାଗନାଥଙ୍କ ପୀଠକୁ ରାସ୍ତାଘାଟର ଉନ୍ନତି ଦିଗରେ ଏବଂ ବ୍ରାହ୍ମଣୀ ନଦୀର ଭୁଇଁପୁର-ବୁଢିବିଲି ଘାଟରେ ସେତୁ ପ୍ରତିଷ୍ଠା ଦିଗରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷ କାଳନ୍ଦି ବାରିକ, ବଣସିଂହ ସରପଞ୍ଚ ପ୍ରମିଳା ବେହେରା, ପୂର୍ବତନ ସରପଞ୍ଚ ସଂଯୁକ୍ତା ହୋତା ଓ ସମିତି ସଭ୍ୟ ରଞ୍ଜିତା ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ । ନାଗନା ଗ୍ରାମ୍ୟ କମିଟିର ସଭାପତି ନିତ୍ୟାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅବନୀ ମିଶ୍ର ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଅପରାହ୍ଣରେ ବ୍ରାହ୍ମଣୀ ନଦୀ ପଠାରେ ବ୍ରାହ୍ମଣୀ ନଦୀକୁ ଆରାଧନା କରାଯିବା ସହିତ ଧୂପ,ଦୀପ ଓ ନୈବେଦ୍ୟ ଦେଇ ପୂଜାର୍ଚ୍ଚନା କରାଯାଇଥିଲା । ଏହି ଅବସରରେ ବିଭିନ୍ନ କଳାକାରମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥଲେ।

# ବଣସିଂହ କଲେଜ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ




ଢେଙ୍କାନାଳ,୧।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ବଣସିଂହ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ଆନୁକୂଲ୍ୟରେ ରବିବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଗଗନ ବିହାରୀ ସ୍ୱାଇଁ ଉପସ୍ଥିତ ରହି ସଚେତନତା କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ଯୁବ ରେଡକ୍ରସ, ରେଡ ରିବନ କ୍ଲବ ଓ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରମାନେ ଅଞ୍ଚଳ ପରିକ୍ରମା କରିବା ସହିତ ଏଡସ୍ ଉପରେ ସଚେତନ କରାଇଥିଲେ । ବରିଷ୍ଠ ଅଧ୍ୟାପକ ନବୀନ କୁମାର ପତି ଓ ଶରତ ଚନ୍ଦ୍ର ରାଉତ, ଏଡ୍‌ସ ରୋଗର ଭୟବହତା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ । ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଇଂରାଜୀ ଅଧ୍ୟାପକ ସତ୍ୟଶଙ୍କର ଦାସ, ଯୁବ ରେଡକ୍ରସ କାଉନସେଲର ଅଶ୍ୱିନୀ କୁମାର ଶତପଥୀ, ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ବଟକୃଷ୍ଣ ଦାସ, ଓଡିଆ ଅଧ୍ୟାପକ ଡ. ନିରାକାର ଆଚାର୍ଯ୍ୟ, ବରିଷ୍ଠ କିରାଣି ରମେଶଚନ୍ଦ୍ର ବାରିକ ଓ କଲେଜର କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଦର୍ଶକଙ୍କ ମନ ଜିଣିଲା ଭଳି କାର୍ଯ୍ୟକ୍ରମ ପାଇଁ ଗୁରୁତ୍ୱ

## ସ୍ୱାଗତମ୍ ୨୦୨୫ ପାଇଁ ତ୍ରିରଙ୍ଗା-ସୁପ୍ରଭାତର ପ୍ରସ୍ତୁତି

ଢେଙ୍କାନାଳ,୧।୧୨(ରତନ ନାୟାର)

ଢେଙ୍କାନାଳର ପ୍ରମୁଖ ସାଂସ୍କୃତିକ ଅନୁଷ୍ଠାନ ତ୍ରିରଙ୍ଗା-ସୁପ୍ରଭାତର ୨୪ତମ ବାର୍ଷିକ ଉତ୍ସବ ଉପଲକ୍ଷେ ସ୍ୱାଗତମ୍ ୨୦୨୫ ଉତ୍ସବ ଆସନ୍ତା ୨୯ରୁ ୩୧ ତିନିଦିନ ଧରି ସ୍ଥାନୀୟ ଗୋପବନ୍ଧୁ ଟାଉନହଲଠାରେ ଅନୁଷ୍ଠିତ ହେବ । ଏଥିନିମନ୍ତେ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ପୂର୍ତ୍ତବିଭାଗ ଡାକ ବଙ୍ଗଳାଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶିକା ରାଜଶ୍ରୀ ଶତପଥୀଙ୍କ ଅଧ୍ୟକ୍ଷତାରେ ଏବଂ ବରିଷ୍ଠ ସଦସ୍ୟ ଅଭୟ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ ଚଳିତବର୍ଷ ଦର୍ଶକଙ୍କ ମନ ଜିଣିଲା ଭଳି କାର୍ଯ୍ୟକ୍ରମ କରିବା ପାଇଁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ସେହିପରି ଓଡିଶୀ ଓ ଶାସ୍ତ୍ରୀୟ ନୃତ୍ୟକୁ ଗୁରୁତ୍ୱ ପ୍ରଦାନ କରିବା ପାଇଁ ମତପ୍ରକାଶ ପାଇଥିଲା । ଉଦଘାଟନୀ ସନ୍ଧ୍ୟାରେ ଗଣେଶ ବନ୍ଦନା ଓ ଶିବତାଣ୍ଡବ ନୃତ୍ୟ ପ୍ରଦର୍ଶନ ଉପରେ ଆଲୋଚନା ହୋଇଥିଲା । ଏତଦବ୍ୟତୀତ ପ୍ରତିବର୍ଷ ଭଳି ଚଳିତବର୍ଷ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ପାଇଁ ସ୍ଥିର ହୋଇଥିଲା। ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ରଖିବା ପାଇଁ ବରିଷ୍ଠ ସଦସ୍ୟ ସତ୍ୟ ସ୍ୱରୁପ ଦାସ ଗୁରୁତ୍ୱ ପ୍ରଦାନ କରିଥିଲେ। ଆସନ୍ତାବର୍ଷ ରୌପ୍ୟଜୟନ୍ତୀ ଉତ୍ସବ ପାଳନ ହେବାକୁ ଥିବାରୁ ବର୍ଷ ଆରମ୍ଭରୁ ପ୍ରସ୍ତୁତି ଆରମ୍ଭ କରିବା ନିମନ୍ତେ ମତପ୍ରକାଶ ପାଇଥିଲା। ରୌପ୍ୟଜୟନ୍ତୀ ଉତ୍ସବ ଉପଲକ୍ଷେ ଏକ ନାଟକ ପ୍ରସ୍ତୁତି କରିବା ପାଇଁ ସଦସ୍ୟ ନାଟ୍ୟକାର ଦିନେଶ ଦାସ ପ୍ରସ୍ତାବ ଦେଇଥିଲେ। ସେହିପରି ୩୧ ତାରିଖ ରାତିରେ ଜିରୋ ନାଇଟ୍ ସେଲିବ୍ରେସନ ତଥା ସ୍ୱାଗତମ-୨୦୨୫କୁ ମହାସମାରୋହରେ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ସୁକାନ୍ତ ମିଶ୍ର, ବିଶ୍ୱନାଥ ବେହେରା, ଦେବାଶିଷ ମିଶ୍ର, ବିନୋଦ ମହାନ୍ତି, ଅରବିନ୍ଦ ସାହୁ, ମନୋହର ଶତପଥୀ, କାମାକ୍ଷା ପ୍ରସାଦ ରଣା, ଗଙ୍ଗାଧର ରାଉତ, ଆଶିଷ ଶତପଥୀ, ଜୟଦେବ ଶତପଥୀ, ସୁଜାତା ସାହୁ, ଲକ୍ଷ୍ମୀକାନ୍ତ ସାହୁ, ସର୍ବେଶ୍ୱର ବ୍ରହ୍ମ, ଅମୂଲ୍ୟ କୁମାର ସାହୁ, ଆଦର୍ଶ କୁମାର ସାହୁ, ଗୋପୀନାଥ ବେହେରା ପ୍ରମୁଖ ଉପସ୍ଥିତ ଆଲୋଚନାରେ ଭାଗ ନେଇଥିଲେ ।

# ସ୍ୱାସ୍ଥ୍ୟ ସଚେତନତା ପାଇଁ ଉତ୍ଫୁନା ପକ୍ଷରୁ ସଭା



ଢେଙ୍କାନାଳ,୧।୧୨(ରତନ ନାୟାର)

ଉତ୍ଫୁନା ଓ ଡ. ରାଧାନାଥ ରଥ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ମିଳିତ ଭାବେ ପଦ୍ମଭୂଷଣ ଡଃ ରାଧାନାଥ ରଥଙ୍କ ଜନ୍ମ ଦିବସ ଉତ୍ଫୁନା କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଉତ୍ଫୁନାର ସର୍ବଭାରତୀୟ ଉପସଭାପତି ଡଃ ରାଧାନାଥ ରଥ ଫାଉଣ୍ଡେଶନ ଟ୍ରଷ୍ଟର ସାଧାରଣ ସଂପାଦକ ଆଡଭୋକେଟ ମନୋରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ କହିଲେ, ଡଃ ରାଧାନାଥ ରଥ ଶତାବ୍ଦୀ ପୁରୁଷ ଥିଲେ । ପରିବେଶବିତ୍ ଉପେନ୍ଦ୍ର କୁମାର ରାଉତ କହିଲେ, ନନ୍ଦନକାନନ ଓ କୃଷି ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠାତା ଥିଲେ। ସମାଜବାଦୀ ନେତା ସରୋଜ ଶତପଥି କହିଲେ ଯେ, ଡଃ ରାଧାନାଥ ରଥ ଏକାଧାରରେ ଜଣେ ରାଜନୈତିକ ନେତା, ସାମ୍ବାଦିକ, ସାମାଜିକ କର୍ମୀ ଓ ସାହିତ୍ୟିକ ଥିଲେ । ଡଃ ରଥ 'ଝିଟିପିଟି କହେ' ସଂପାଦକୀୟ ମାଧ୍ୟମରେ ସରକାରଙ୍କୁ ବିଭିନ୍ନ ଉଚ୍ଚ କୋଟିର ଉପଦେଶ ଦେଉଥିଲେ । ବକ୍ତାମାନେ ଡଃ ରାଧାନାଥ ରଥଙ୍କୁ ଭାରତ ରତ୍ନ ଉପାଧି ଦେବା ପାଇଁ ଦାବି କରିଥିଲେ । ଡିସେମ୍ବର ୧ ସାରା ବିଶ୍ୱରେ 'ବିଶ୍ୱ ଏଡ୍‌ସ ଦିବସ' ପାଳନ କରାଯାଉଛି। ବିଭିନ୍ନ ରୋଗର ନିରାକରଣ ପାଇଁ ସ୍ୱାସ୍ଥ୍ୟ ସଚେତନତା ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । କଟକର ଆଡଭୋକେଟ୍ ସୌରଚନ୍ଦ୍ର ମହାପାତ୍ରଙ୍କୁ ଉତ୍ଫୁନା ସମ୍ମାନରେ ସମ୍ମାନିତ କରାଯିବ ବୋଲି ସଭାରେ ସ୍ଥିର କରାଯାଇଥିଲା। ଡ. ପ୍ରମୋଦ କୁମାର ନାୟକ, ତରୁଣ କୁମାର ବିଶ୍ୱାଳ, ଗୋକୁଳୀ ଚନ୍ଦ୍ର ପଣ୍ଡା, ବସନ୍ତ କୁମାର ବିଶ୍ୱାଳ, ଅନ୍ତର୍ଯ୍ୟାମୀ ରଥ, ସୂର୍ଯ୍ୟନାରାୟଣ ପଟ୍ଟନାୟକ, ଲକ୍ଷ୍ମୀଧର ଶତପଥୀ, ପ୍ରେମାନନ୍ଦ ଶତପଥି, ବିପିନୀ ବିହାରୀ ବେହେରା, ଇଂ. ଅବିନାଶ ଦାସ, ଡ. ବିଷ୍ଣୁ ଚରଣ ଦାସ, ବିଚିତ୍ରାନନ୍ଦ ମହାନ୍ତି, ଇଂ. ଡମ୍ବରୁଧର ପଣ୍ଡା ପୀତବାସ ସାହୁ, ରବି ଶତପଥୀ ପ୍ରମୁଖ ଯୋଗଦେଇ ରାଧାନାଥଙ୍କ ସଂପର୍କରେ ଆଲୋଚନା କରିଥିଲେ । ବ୍ରହ୍ମାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

ଓଡ଼ାପଡ଼ା,୧।୧୨ (ରଞ୍ଜିତ ନାୟକ)

ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ମହାବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ଏହକ ଖେଳକୁ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ବସନ୍ତ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦୁର୍ଗାଚରଣ ରାଉତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ କ୍ରୀଡ଼ାର ଉପକାରିତା, ଉତ୍ତମ ସ୍ୱାସ୍ଥ୍ୟର ଉପକାରିତା, ଛାତ୍ର ଜୀବନ ଓ କ୍ରୀଡା କିପରି ପରସ୍ପର ପରିପୂରକ ଓ କ୍ରୀଡ଼ା ଛାତ୍ର ଜୀବନକୁ ଅଧିକ କିପରି ଶୃଙ୍ଖଳିତ କରିଥାଏ ତାହା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ସରପଞ୍ଚ ସୁଭଦ୍ରା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଲମ୍ଫଡିଆଁ, ଉଚ୍ଚଡିଆଁ, ଗୋଳାଫିଙ୍ଗା, ଥାଳିଆ ଫିଙ୍ଗା, ଅଖାଦୌଡ଼, ଅଙ୍କଦୌଡ଼, ବାଟିଚାମଚ, ବାଧାଦୌଡ଼ ଆଦି ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ସଂପାଦିକା ବନଲତା ମହାପାତ୍ର ପ୍ରତିଯୋଗୀମାନଙ୍କୁ ସମସ୍ତଙ୍କର ଉତ୍ତରୋତ୍ତର କାମନା କରିଥିଲେ। ମୋଟ ୨୫୨ ଜଣ ଛାତ୍ରୀଛାତ୍ର କ୍ରୀଡ଼ାରେ ଭାଗ ନେଇଥିଲେ। ପ୍ରଥମ ଶ୍ରେଣୀର ରୋସନ କୁମାର ସାହୁ ଚାମ୍ପିୟନ ହୋଇଥିଲା ବେଳେ ଶିଶୁ ବିଭାଗ ଭଉଣୀ ପ୍ରୀତିପ୍ରଜ୍ଞା ରାଉତ ୪ର୍ଥ ଶ୍ରେଣୀ, ସେହିପରି ବାଲ୍ୟ ବର୍ଗର ଓମ ସାହିଜିତ ମହାରଣା (୮ମ), ସାଇସୁରଜିତ ସ୍ୱାଇଁ (୮ମ), ରିତେଶ କୁମାର ସ୍ୱାଇଁ (୮ମ), ବାଲ୍ୟବର୍ଗ ଭଉଣୀମାନଙ୍କ ମଧ୍ୟରୁ ଲକ୍ଷ୍ମୀପ୍ରିୟା ବେହେରା (୮ମ) ଓ ଅର୍ପିତା ମହାନ୍ତି (୬ଷ୍ଠ), ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। କ୍ରୀଡ଼ା ଶିକ୍ଷକ ରଞ୍ଜନ କୁମାର ବେହେରା ସହ ସମସ୍ତ ଗୁରୁମା ଓ ଗୁରଜୀ ଯୋଗଦେଇଥିଲେ।

# ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ଶୋଭାଯାତ୍ରା




କାମାକ୍ଷାନଗର, ୧।୧୨ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର, କାନପୁରା ସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ ରେ ଏନସିସି ପକ୍ଷରୁ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ମାର୍ଗଦର୍ଶନରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି । ଏନ୍‌ସିସି ଅଧିକାରୀ ଧ୍ରୁବଚରଣ ସୁନ୍ଦରରାୟଙ୍କ ପରିଚାଳନାରେ କ୍ୟାଡେଟମାନଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରାରେ ବିଦ୍ୟାଳୟର ସ୍କାଉଟ୍ସ ଗାଇଡ୍ସ, ଜେଆରସି ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଆଗାମୀ ପିଢ଼ି କିପରି ନିଜେ ସଚେତନ ରହି ସମାଜକୁ ସଚେତନ କରିପାରିବେ ଓ ଏହି ରୋଗକୁ ପୃଥିବୀରୁ ହଟେଇ ପାରିବେ ପ୍ରଧାନ ଶିକ୍ଷକ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ଓ କ୍ୟାଡଟମାନେ ବ୍ୟାନର ଧରି କାନପୁରା ଗ୍ରାମ ପରିକ୍ରମା କରିଥିଲେ। ଜେଆରସି କାଉନସିଲର ସୁରେଶ କୁମାର ବିଶ୍ୱାଳ, ସ୍କାଉଟ୍ସ ମାଷ୍ଟର ବାନାର୍ଜୀ ମହାନ୍ତି, ଗାଇଡ଼ କ୍ୟାପଟେନ ସୁମିତ୍ରା ଜେନା, ଶିକ୍ଷକ ରାଜେଶ ସାହୁ, ଶିକ୍ଷୟିତ୍ରୀ ଗୀତା ମହାପାତ୍ର, ପ୍ରୀତି ପ୍ରିୟମ୍ବଦା ପରିଡା, ଶୋଭାଗିନୀ ସାହୁ, କର୍ମଚାରୀ ଗିରୀଶ ମାହାନ୍ତି, ରବିନାରାୟଣ ରାଉତ, ଶାନ୍ତନୁ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ୫୧୨ ୟୁନିଟ୍ ରକ୍ତ ସଂଗୃହୀତ

ଢେଙ୍କାନାଳ,୧।୧୨(ରତନ ନାୟାର):



ଢେଙ୍କାନାଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଜରଙ୍ଗ କ୍ଲବ୍ ଦ୍ୱାରା ଏକ ଆଦର୍ଶ ରକ୍ତଦାନ ଶିବିର ରବିବାର ଗୋପବନ୍ଧୁ ଟାଉନ୍ ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି । କ୍ଲବ୍‌ର ସଦସ୍ୟ ସ୍ୱର୍ଗତ ରାକେଶ ରାଉତ (ଜିଲୁ) ଓ ସ୍ୱର୍ଗତ ବସନ୍ତ ମଞ୍ଜରୀ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ପୌରପରିଷଦର ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର ଓ କାଉନ୍‌ସିଲର ଶୁଭଲକ୍ଷ୍ମୀ ସାହୁ, ସନ୍ଦୀପ ଷଡଙ୍ଗୀ, ଦୀପ୍ତିରଞ୍ଜନ ସେଠ, ଚାମ୍ବର୍ସ ଅଫ୍ କମର୍ସର ସଭାପତି ରାଜେନ୍ଦ୍ର ଦାସ ଏବଂ ସହରର ବହୁ ବ୍ୟକ୍ତି ଶିବିରରେ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଏହି ରକ୍ତ ଦାନ ଶିବିରରେ ୫୧୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଢେଙ୍କାନାଳ ରକ୍ତ ଭଣ୍ଡାର ଅଧିକାରୀ ଡା. ସ୍ୱରୂପ ରଞ୍ଜନ ସାହୁ, ଲାବୋରଟୋରୀ ଟେକ୍ନିସିଆନ୍ ରାକେଶ କୁମାର ବେହେରା, ପରମାନନ୍ଦ ପଣ୍ଡା, ସୌଭାଗ୍ୟ ରଞ୍ଜନ ମିଶ୍ର, ଆଟେଣ୍ଡାଣ୍ଟ ଅଜୟ ସ୍ୱାଇଁ, ବରୁଣ ସାହୁ, ତପନ ଜେନା ଶିବିର ପରିଚାଳନା କରିଥିବାବେଳେ ଅନୁଗୁଳ ରକ୍ତ ଭଣ୍ଡାରର ନର୍ସିଂ ଅଫିସର ମଞ୍ଜୁଳାପ୍ରଭା ଶତପଥୀ, ତପସ୍ୱିନୀ ବେହେରା, ଶଇକେଶ ତ୍ରିପାଠୀ, ଲାବରଟୋରୀ ଟେକ୍ନିସିଆନ୍ ପୂଜାଲତା ମଲ୍ଲିକ, ମିତା କାବାସୀ ଜିତେନ ଦାଶ, କାମାକ୍ଷା ପ୍ରସାଦ ସାହୁ, ମନୋଜ କୁମାର ରାଉତ, କରଣୀ କୁମାର ଦେହୁରୀ, ସୁକାନ୍ତ କୁମାର ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ। କ୍ଲବ୍‌ର ସଭାପତି ମାନସ ରଞ୍ଜନ ରାଉତ, ସଂପାଦକ ଶୁଭେନ୍ଦୁ ଶତପଥୀ, ବିକାଶ ହିନ୍ଦୋଚା, ରାଜେଶ ରାଉତ, ଚନ୍ଦ୍ରଶେଖର ମାଝୀ, ବେଦଧ୍ୟାନ ପଣ୍ଡା, ପ୍ରିୟବ୍ରତ ସାସ୍‌ମଲ୍, ଶଶି ଭୂଷଣ ପରିଡା, ଦେବାଶିଷ ମିଶ୍ର ଓ କ୍ଲବ୍‌ର ଶହଶହ ସଂଖ୍ୟାରେ ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ । ଏହି ରକ୍ତଦାନ ଶିବିରରେ ବସନ୍ତ ମଞ୍ଜରୀଙ୍କ କନ୍ୟା ଅର୍ଚ୍ଚନା ମହାପାତ୍ର ଓ ସ୍ୱାଇଁ ତଥା ଓକିଲ ସଂଘର ପୂର୍ବତନ ସଭାପତି ଶିବସାଇ ମହାପାତ୍ର ଉପସ୍ଥିତିରେ ପୁତ୍ର ଗୌରୀଶଙ୍କର ମିଶ୍ର ଓ ପୁତ୍ରବଧୂ ରଶ୍ମିତା ମିଶ୍ର ରକ୍ତଦାନ କରିଥିଲେ।

# ବାଲ୍ୟ ବିବାହମୁକ୍ତ ପାଇଁ ସଚେତନତା ଆବଶ୍ୟକ




ଢେଙ୍କାନାଳ,୧।୧୨(ରତନ ନାୟାର)

ଢେଙ୍କାନାଳ ସହର ବସଷ୍ଟାଣ୍ଡସ୍ଥିତ ଲେଖକ ସଂସଦ ଭବନ ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଶ୍ୱ ଯୁବ କେନ୍ଦ୍ର ପକ୍ଷରୁ ବାଲ୍ୟ ବିବାହମୁକ୍ତ ସମ୍ପର୍କିତ ଏକ ଖବରଦାତା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ ମହାପାତ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଲେ ଯେ, କୈଳାସ ସତ୍ୟାର୍ଥୀ ଚିଲଡ୍ରେନ୍ ଫାଉଣ୍ଡେଶନ ସହଯୋଗରେ ବାଲ୍ୟ ବିବାହ, ଶିଶୁ ଯୌନ ନିର୍ଯାତନା, ଶିଶୁ ଚାଲାଣ ଆଦି କାର୍ଯ୍ୟକ୍ରମ ୨୦୨୩ରୁ ଢେଙ୍କାନାଳ ଜିଲାରେ ଚାଲୁରହିଛି। ବିଶେଷକରି ଜିଲାର ଓଡ଼ାପଡ଼ା ଓ ହିନ୍ଦୋଳ ବ୍ଲକ ପାଇଁ ଫୋକସ୍ ରଖିଛି। ଏଥିପାଇଁ ବିଭିନ୍ନ ସ୍କୁଲ, କଲେଜ ଓ ଗୋଷ୍ଠୀସ୍ତରରେ ସଚେତନା କାର୍ଯ୍ୟକ୍ରମ କରିବା ସହିତ ସଂକଳ୍ପ ଶପଥ ପାଠ କରାଯାଇଛି। ଅଦ୍ୟାବଧି ୩୦୦ ବାଲ୍ୟ ବିବାହ ବନ୍ଦ କରିବା ସହିତ ପ୍ରାୟ ୨୦ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଶିଶୁ ନିର୍ଯାତନା ପାଇଁ ଶିଶୁ ଓ ଅଭିଭାବକମାନଙ୍କୁ ଆଇନଗତ ସହାୟତ ଯୋଗାଇ ଦିଆଯାଇଛି। ପାଠ ଛାଡ଼ିଥିବା ୧୨୦ ପିଲାଙ୍କୁ ବିଦ୍ୟାଳୟର ପୁନଃ ନାମ ଲେଖାଇ ନିୟମିତ କରାଯାଇଛି। ଏଥିପାଇଁ ପଞ୍ଚାୟତସ୍ତରରେ, ବ୍ଲକ ଓ ଜିଲା ପ୍ରଶାସନସ୍ତରରେ ଏବଂ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବ୍ୟାପକ ସଚେତନତା କରାଯାଉଛି ବୋଲି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସର୍ବେଶ୍ୱର ମଲ୍ଲିକ, ସେକ୍ ଅବଦୁଲ ସଫିକ, ଶିଶୁ କଲ୍ୟାଣ କମିଟିର ସଭ୍ୟ ବିଭୁତି ଭୂଷଣ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ । ବିଶ୍ୱ ଯୁବ କେନ୍ଦ୍ର ନିର୍ଦ୍ଦେଶକ ମନୋଜ ମହାପାତ୍ର ଧନ୍ୟବାଦ ଦେଇଥିଲେ। ମନସ୍ମିତା ନାୟକ, ଅନିତା ସାହୁ ଓ ଅଭିଷେକ ମହାପାତ୍ର ସହଯୋଗ କରିଥିଲେ ।

# ଜଙ୍ଗଲ ଓ ପରିବେଶ ସୁରକ୍ଷା ସଚେତନତା



ସାତମାଇଲ, ୧।୧୨ (ସୁଶାନ୍ତ ପତି)

ହିନ୍ଦୋଳ ଉପଖଣ୍ଡ ଚିତ୍ତଳପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ପଞ୍ଚପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ହିନ୍ଦୋଳ କଲ୍ୟାଣ ସଂଗଠନ ଆନୁକୂଲ୍ୟରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଜଙ୍ଗଲ ଓ ପରିବେଶ ସୁରକ୍ଷା ସଂପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲ୍ୟାଣ ସଂଗଠନର ସଦସ୍ୟ ଓ ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ପ୍ରଥମେ ଗ୍ରାମରେ ଏକ ସଚେତନତା ପଦଯାତ୍ରା କରି ସ୍ଥାନୀୟ ଜନସାଧାରଣଙ୍କୁ ଜଙ୍ଗଲ ଓ ପରିବେଶ ସୁରକ୍ଷା ସଂପର୍କରେ ସଚେତନ କରାଇବା ସହ ଲିଫଲେଟ ବଣ୍ଟନ କରିଥିଲେ। ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତରଣୀସେନ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଚେତନତା ସଭାରେ ପରିବେଶବିତ୍ ରତିକାନ୍ତ ଗଡନାୟକ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ କ୍ରିଡା ଶିକ୍ଷକ ପ୍ରହଲ୍ଲାଦ ସାମଲ, ଜନମଙ୍ଗଳ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିଷ୍ଠାତା ବିଭୂପ୍ରସାଦ ଶତପଥି, ଜନମଙ୍ଗଳ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାନେତ୍ରୀ ନିରୁପମା ମିଶ୍ର, ସ୍ୱେଚ୍ଛାସେବୀ ଈଶ୍ୱର ସାହୁ, ଧରଣୀଧର ପାଳ ଓ ଗିରିଶ ସେଠି ପ୍ରମୁଖ ଯୋଗଦେଇଥିଲେ। ବୃକ୍ଷ ରୋପଣକୁ ଜନ ଆନ୍ଦୋଳନରେ ପରିବର୍ତ୍ତନ କରି ଛାତ୍ରୀଛାତ୍ରବୃନ୍ଦ ନିଜର ଉଜ୍ଜଳ ଭବିଷ୍ୟତକୁ ସୁରକ୍ଷିତ କରି ଉଦାହରଣ ସୃଷ୍ଟି କରିବାକୁ ମୁଖ୍ୟ ଅତିଥି ଗଡ଼ନାୟକ ପରାମର୍ଶ ଦେଇଥିଲେ। ହିନ୍ଦୋଳ ସାମ୍ବାଦିକ ସଂଘ ସଭାପତି ସୁଶାନ୍ତ ପତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ସମୟରେ ଶଙ୍କର୍ଷଣ ପାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଯତୀନ୍ଦ୍ର ନାଥ ବେହେରା, ଶିକ୍ଷୟିତ୍ରୀ କନକବାଳା ନନ୍ଦ, କୁମୁଦିନୀ ପଣ୍ଡା, ରାଜଶ୍ରୀ ପଣ୍ଡା, ରୀନା ସାହୁ ସମେତ ବହୁ ଅଭିଭାବକ ଅଂଶଗ୍ରହଣ କରିଥିଲେ। ସଂଗଠନର ସଦସ୍ୟ ଅକ୍ଷୟ ପାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଢେଙ୍କାନାଳ କଲେଜକୁ ବିଶ୍ୱବିଦ୍ୟାଳୟ କରିବା ଦାବି

## ଆଲୁମ୍ନି ଆସୋସିଏଶନ ବୈଠକ

ଢେଙ୍କାନାଳ,୧।୧୨(ରତନ ନାୟାର)



ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଆଲୁମ୍ନି ଆସୋସିଏଶନର ଏକ ବୈଠକ ରବିବାର ପୂର୍ବାହ୍ନରେ ମହାବିଦ୍ୟାଳୟର ରିଡିଙ୍ଗ୍ ରୁମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆସୋସିଏଶନ ସଭାପତି ପ୍ରଫେସର ଅଭୟ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ । ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟରେ ପରିଣତ କରିବା ସହିତ ୧୦୦କୋଟି ଟଙ୍କା ବ୍ୟୟରେ ଏକ ସ୍ମାର୍ଟ କମ୍ପ୍ଲେକ୍ସ ନିର୍ମାଣ କରିବା ପାଇଁ ଦାବି ନିମନ୍ତେ ପ୍ରସ୍ତାବ ଆଗତ କରାଯାଇଥିଲା । ଖୁବଶୀଘ୍ର ଆସୋସିଏଶନର ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସାକ୍ଷାତ କରି ଦାବିଗୁଡିକ ସମ୍ପର୍କରେ ଆଲୋଚନା କରିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା । ଏତଦବ୍ୟତୀତ ନିୟମିତ ଭାବେ ସଂଘର ବାର୍ଷିକ ବୈଠକ, ଦ୍ୱିବାର୍ଷିକ ସେମିନାର, ସଭ୍ୟ ସଂଗ୍ରହ, ମହାବିଦ୍ୟାଳୟ ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ସ୍ଥାପନା, ମୁଖ୍ୟ ଫାଟକର ସୌନ୍ଦର୍ଯ୍ୟକରଣ ସହିତ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଲୁମ୍ନି ଆସୋସିଏଶନର ସଦସ୍ୟ ଡ. ରଞ୍ଜନ କୁମାର ମହାପାତ୍ର, ମହାବିଦ୍ୟାଳୟରେ ଯୁକ୍ତ ୩ ବାଣିଜ୍ୟ ବିଭାଗର ଟପ୍ପର ଛାତ୍ରୀଛାତ୍ରମାନଙ୍କୁ ପ୍ରୋତ୍ସାହନ ପାଇଁ ତାଙ୍କ ପିତାଙ୍କ ସ୍ମୃତିରେ ପ୍ରଦତ୍ତ ୫୦ହଜାର ଟଙ୍କାକୁ ସ୍ଥାୟୀ ଭାବରେ ଗଚ୍ଛିତ ରଖି ତା'ର ବାର୍ଷିକ ସୁଧ ରାଶିରେ ଉକ୍ତ ଛାତ୍ରୀଛାତ୍ରଙ୍କୁ ଅର୍ଥରାଶି ସହ ସମ୍ବର୍ଦ୍ଧିତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେହିପରି ଅନୁରୂପ ଭାବେ କଳା ଓ ବିଜ୍ଞାନ ଟପ୍ପର ଛାତ୍ରୀଛାତ୍ରମାନଙ୍କ ପାଇଁ ଖୁବଶୀଘ୍ର ଏଣ୍ଡାଉମେଣ୍ଟ ଜମାରାଶି ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ପ୍ରାରମ୍ଭରେ ସମ୍ପାଦକ ବିଶ୍ୱନାଥ ବେହେରା ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ସୁକାନ୍ତ ମିଶ୍ର, ଡ. ରଞ୍ଜନ କୁମାର ମହାପାତ୍ର, ବେଣୁଧର ସାହୁ, ରତନ ନାୟାର, ଶରତ କୁମାର ସାହୁ, ବିରଞ୍ଚି ନାରାୟଣ ପାଣି, ସୁରେନ୍ଦ୍ର ମିଶ୍ର, ସୁନିଲ ଦାଶ, ଦୀପକ ପ୍ରସାଦ ପଟ୍ଟନାୟକ, ସମ୍ବିତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

